
## ଓଡ଼ିଶାର ସୁନାମଧନ୍ୟ ଗାଳ୍ପିକ ଓ ଔପନ୍ୟାସିକ

# ଡ. ପଦ୍ମଜ ପାଲଙ୍କ

ସହ ଏକ ଅନ୍ତରଙ୍ଗ ଆଳାପ - ପ୍ରସ୍ତୁତ କରିଛନ୍ତି ଡ. ପ୍ରମୋଦ ଚନ୍ଦ୍ର ଦାଶ

ନାମ- ଡ. ପଦ୍ମଜ ପାଳ ।
ପିତା - କାହ୍ନୁ ଚରଣ ପାଳ , ମାତା -( ୰ ରୁକ୍ମଣୀ ), ଅମୀୟ ବାଳା
ଭାଇ ଭଉଣୀ - ୩ ଭାଇ ୬ ଭଉଣୀ । ପତ୍ନୀ- ସବିତା, ପୁତ୍ର - ଶକ୍ତି ଓ କ୍ରାନ୍ତି
ଜନ୍ମସ୍ଥାନ - ଜଗତସିଂପୁର ଜିଲାର - କୁସିଂଗା । ବର୍ତ୍ତମାନ ରହଣୀ - ଖୋରଧାର ଶ୍ରୀବିହାର
ଶିକ୍ଷା - ଗାଁ ସ୍କୁଲ, କୁସିଂଗା ପ୍ରାଇମେରୀ । ହାଇସ୍କୁଲ - ଗାଦିବ୍ରହ୍ମ ବିଦ୍ୟାପିଠ , କାଦୁଆପଡା
କଲେଜ ଶି କ୍ଷା -ବି.ଏ ( ଅନର୍ସ ) ରେଭେନ୍ସା କଲେଜ , କଟକ ।
ଏମ .ଏ , ( ଦର୍ଶନ ଶାସ୍ତ୍ର ) ଏମ .ଫିଲ ଓ ପିଏଚ.ଡି , ( ଆସ୍‌ଥେଟିକ୍ ଏକ୍ସପେରିଏନ୍ସ ) ଉତ୍କଳ ୟୁନିଭରସିଟି , ବାଣୀବିହାର ।
ବୃତ୍ତି - ଅଧ୍ୟାପନା, ଦର୍ଶନ ଶାସ୍ତ୍ର । ଏବେ ଅବସରପ୍ରାପ୍ତ ।
ପ୍ରକାଶିତ ପୁସ୍ତକ
ଗଳ୍ପ ସଂକଳନ -
୧) ନିଷିଦ୍ଧ ଅରଣ୍ୟ । ୨) ଅପେକ୍ଷାକର ମୁଁ ଫେରୁଛି । ୩) ଇଗଲର ନଖଦନ୍ତ । ୪) ସବୁଠୁଁ ସୁଂଦର ପକ୍ଷୀ । ୫) ଉତ୍ତର ପୁରୁଷ । ୬) କ୍ଷତ । ୭) ଚିତ୍ର ତୁରଗ । ୮) ଜୀବନମୟ । ୯) ମୁହଁ ସଂଜ । ୧୦) କୁଆଡେ ଯିବାର ନାହିଁ।
ଉପନ୍ୟାସ -
୧) ଦୁର୍ଗପତନର ବେଳ ୨) ଆମ ସମୟର ଦୁଃଖ ୩) ଯିବୁ କି ଥିବୁ ୪) ପାପ ପରି ନିଜର ୫) ଗଂଡ ଭୈରବ ୬) ଓୟେ ପୁଆ ମା' ୭) ଗହ୍ୱର ୮) ଅପଦେବତା ୯) ପ ଂଡୁରଂଗୀ ନିବାସ ୧୦) ଜରାନିବାସ ୧୧) ଛାଇଲେଉଟାଣୀ ୧୨) ମାମୁଁ ଘର ଚଉଁରୀ ୧୩) ଆକ୍ରାନ୍ତ ୩/୪ ୧୪ ) ମୁହୂର୍ତ୍ତେମାତ୍ର ୧୫) ଯାତ୍ରା ଡଟ କମ୍ ୧୬) ଗାଂଧୀ ଛକରୁ ଟିକିଏ ଆଗକୁ । ୧୭) ହାଏ ମୁନି , କେମିତି ଅଛ ! ୧୮) ପ୍ରତିସ୍ପର୍ଦ୍ଧା ।
ସମ୍ମାନ ଓ ପୁରସ୍କାର -
ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ।। ଝଂକାର ଗଳ୍ପ ପୁରସ୍କାର ।। ଉତ୍‌କଳ ସାହିତ୍ୟ ସମାଜ ପୁରସ୍କାର ।। ଶ୍ରୀ ବଳଦେବଜୀ ସାହିତ୍ୟ ସମ୍ମାନ ।। ଚଂଦ୍ରଭାଗା ସମ୍ମାନ ।। ପୁନର୍ନବା ସାହିତ୍ୟ ସମ୍ମାନ ।। ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ ।। ଧରିତ୍ରୀ ପୁରସ୍କାର ।। ଭୁବନେଶ୍ୱର ବେହେରା ପ୍ରଜ୍ଞା ସମ୍ମାନ ।। ଜ୍ଞାନ ଜ୍ୟୋତି ସମ୍ମାନ ।। ନୟାଗଡ଼ ପୁସ୍ତକ ମହୋତ୍ସବ ସମ୍ମାନ ।। କଲ୍ଲୋଳ ସମ୍ମାନ ।। ପକ୍ଷୀଘର ସମ୍ମାନ ।। ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ।। ଅ ନ୍ୱେଷା ସାହିତ୍ୟ ସମ୍ମାନ ।। ଖୋରଧା ଜିଲ୍ଲା ଲୋକ ଉତ୍ସବ - ଡ. ମାୟାଧର ମାନସିଂହ ସମ୍ମାନ ।। ଓ ଆହୁରି ଅନେକ ...



ପ୍ରଶ୍ନ ୧. ଆପଣ ଦର୍ଶନ ବିଭାଗର ଅଧ୍ୟାପକ। ସାହିତ୍ୟ କ୍ଷେତ୍ରରେ ବେଶ ଖ୍ୟାତି ଅର୍ଜନ କରିଛନ୍ତି। ଦର୍ଶନ ଶାସ୍ତ୍ର ଆପଣଙ୍କୁ କିପରି ପ୍ରଭାବିତ କରିଛି ?

ପଦ୍ମଜ ପାଳ - ଦର୍ଶନ ଓ ସାହିତ୍ୟ ବିରୋଧାତ୍ମକ ତତ୍ତ୍ୱ ନୁହେଁ, ଉଭୟ ଅନୁପ୍ରେରିତ, ପ୍ରତିବଦ୍ଧ । ସହଯୋଗୀ ତଥା ପରିପୂରକ । ସାହିତ୍ୟ ମଣିଷର କଥା, ସମାଜର କଥା କହେ । ଜୀବନ ସଂଗ୍ରାମର କଥା କହେ । ଦର୍ଶନ ତାର ଔଚିତ୍ୟର ମାର୍ଗଦର୍ଶକ । ବ୍ୟାଖ୍ୟାକରୀ । ସାହିତ୍ୟର ପ୍ରକାଶ ମାଧ୍ୟମ ଭାଷା । ଦର୍ଶନ ସେଇ ଭାଷାକୁ ଶାଣିତ କରେ ମାର୍ଜିତ କରେ, ଏବଂ ତାର ବ୍ୟବହାର ପରିପ୍ରେକ୍ଷିରେ ଅର୍ଥ ନିର୍ଦ୍ଦିଷ୍ଟ କରେ । ଦର୍ଶନ ଶାସ୍ତ୍ରର ଭାଷା ହେଉଛି ବିଷୟ । ସାହିତ୍ୟରେ ଏହା ମାଧ୍ୟମ । ଏ ହେତୁ ଉଭୟ ପରିପୂରକ । ଦର୍ଶନ ଶାସ୍ତ୍ର ମୋର ସାହିତ୍ୟକୁ ପରିପୁଷ୍ଟ କରିଛି, ଗଭୀରତା ଦେଇଛି । ବାସ୍ତବତା ତଥା ସୌନ୍ଦର୍ଯ୍ୟ ଭରି ଦେଇ ମାନବତାବାଦର ଯଶୋଗାନ କରିଛି ।

ପ୍ରଶ୍ନ ୨ . ଅଧ୍ୟାପନା ସମୟର ଅନୁଭୂତି କିପରି ଆପଣଙ୍କ ଗଳ୍ପ ଓ ଉପନ୍ୟାସର ଚରିତ୍ରରେ ରୂପାୟିତ ହୋଇଛି, ତାହାର ଗୋଟିଏ ଉଦାହରଣ ଦେବେ କି ?

ପଦ୍ମଜ ପାଳ - ଶିକ୍ଷା ବିଭାଗ ଥିଲା ମୋର କର୍ମକ୍ଷେତ୍ର । ସେଠି ପ୍ରାୟ ୧୬ ରୁ ୨୧ ବର୍ଷ ବୟସ୍କ ଉଚ୍ଛଳ, ସ୍ପର୍ଦ୍ଧିତ ତଥା ସ୍ୱପ୍ନାଛନ୍ନ ଜୀବନ କାଳର ଯୁବକ ଯୁବତୀମାନଂକ ସହ କଟିଗଲା ମୋର ଯୌବନ, ପ୍ରୌଢାବସ୍ଥା । ପରିଣତ ବୟସରେ ଅବସର ନେଲାବେଳକୁ - ପଛରେ ୩୩ ବର୍ଷର ଚାକିରୀ ! ମନେହେଲା- ଏତେ ବର୍ଷର ଜୀବନ ! କେମିତି କଟିଗଲା ? ଲାଗୁଛି, ଏହା ଯେପରି ୩୩ବର୍ଷର ଚାକିରୀ କାଳ ନୁହେଁ , ବୋଧେ ୩ ମାସ ୩ ଦିନର ସମୟ ! ଏଇ ଦୀର୍ଘ ସମୟ ଅବଧି ଭିତରେ ମୁଁ ଯୁବକ ଯୁବତୀମାନଂକ ସହ ବିଭିନ୍ନ ଭାବରେ ବିଭିନ୍ନ ସଂପର୍କରେ ସଂପର୍କିତ ହୋଇ ରହିଥିଲି । ଶିକ୍ଷକତା ମୋ ପାଇଁ ଥିଲା କ୍ଲାସରୁମ ଭିତରେ ଗୁରୁତ୍ୱପୂର୍ଣ୍ଣ । ମାତ୍ର କ୍ଲାସରୁମ ପରେ ମୁଁ ମୋର ବିମୁକ୍ତ ଲେଖକୀୟ ସତ୍ତାକୁ ଆସି ଯାଉଥିଲି । ଛାତ୍ରଛାତ୍ରୀମାନେ



ପାଲଟି ଯାଉଥିଲେ ମୋର ସାଥୀ , ବଂଧୁ । ଏଇ ସଂପର୍କରେ ମୁଁ ସେମାନଂକୁ ଭଲ ପାଉଥିଲି । ମାନସିକ ସ୍ତରରେ ସେମାନଂକ ନିକଟରେ ରହୁଥିଲି । ତାଂକ ପାଇଁ ଭଲପାଇବା ମୋର ଥିଲା ନିସର୍ତ୍ତ ତଥା ସ୍ୱତଃସ୍ଫୁର୍ତ୍ତ । ଏହା ମୋତେ ସେମାନଂକ ନିକଟବର୍ତ୍ତୀ ତଥା ଅନ୍ତରଂଗ କରି ପାରୁଥିଲା । ମୁଁ ସେମାନଂକର ଭିତରର ମଣିଷଟିକୁ ତାର ଚିନ୍ତା ଚେତନାକୁ , ତାର ସ୍ୱପ୍ନକୁ ସଂଭାବନାକୁ , ତାର ଦୁଃଖକୁ , ଦୈନ୍ୟତା ଓ ବିଫଳତାକୁ ବୁଝି ପାରୁଥିଲି ଓ ତଦନୁଯାୟୀ ତାଂକ ସହ ଇଂଟରଆକ୍ସନ କରୁଥିଲି । ଏହା ସେମାନଂକ ପାଇଁ ଥିଲା ଯେତିକି ଜରୁରୀ ମୋ ପାଇଁ ମଧ୍ୟ ଥିଲା ସେତିକି ଆବଶ୍ୟକ। ମୋର ଏହି ସାହଚର୍ଯ୍ୟ ମୋର ଛାତ୍ରବଂଧୁମାନଂକୁ , ସେମାନଂକ ଉତ୍କଟ ସମସ୍ୟାକୁ ବୁଝିବା ଏବଂ ସାମ୍ନା କରିବାର ସାହସ ତଥା ସାମର୍ଥ୍ୟ ଯୋଗେଇ ଦେଇଛି । ସେମାନେ ନିଜ ସମସ୍ୟାକୁ ସାମ୍ନା କରିବାର ଆତ୍ମବଳ ପାଇଛନ୍ତି । ଏହା ମୋତେ ଅଭିଜ୍ଞ ଓ ପରିପୃଷ୍ଟ କରିଛି । ମୋର ଅନୁଭବର ବଳୟକୁ ସଂପ୍ରସାରିତ କରିଛି । ମୋର ସାହିତ୍ୟରେ ନିଜକୁ ସାମ୍ନା କରିବାର ଯୁବକମାନେ ଭରି ରହିଛନ୍ତି । 'ଦୁର୍ଗ ପତନର ବେଳ ' ଉପନ୍ୟାସର ପ୍ରୋଟାଗୋନିଷ୍ଟ ସତ୍ୟ ତ ସେମିତି ଏକ ଅନନ୍ୟ ସଂଘର୍ଷଶୀଳ ଚରିତ୍ର ! ସତ୍ୟ ତ ସେଇ ବିପ୍ଳବୀ ଛାତ୍ରସତ୍ତା।

ପ୍ରଶ୍ନ ୩ – ଅଧ୍ୟକ୍ଷ ଭାବରେ କିଛି ଦିନ କାମ କରିଛନ୍ତି। ବିଭିନ୍ନ ସମୟରେ ଉପୁଜି ଥିବା ସମସ୍ୟାକୁ ଆପଣ କିପରି ଲେଖା ମାଧ୍ୟମରେ ବିନିଯୋଗ କରିଛନ୍ତି କି ?

ପଦ୍ମଜ ପାଳ – ରଣପୁର କଲେଜରେ ମୁଁ ଦୁଇତିନବର୍ଷ ପାଇଁ ଅଧ୍ୟକ୍ଷ ଥିଲି । ମଫସଲର କଲେଜ । ପିଲାମାଂନକ ପାରିବାରିକ ଆର୍ଥିକ ଅବସ୍ଥା ଆଦୌ ଭଲ ନୁହେଁ। ପଢାପଢିରେ ସେମାନେ ପ୍ରାୟେ ଅମନଯୋଗୀ । ପିଲାମାନେ ବହୁତ ଭଲ, ମାତ୍ର ଅନେକ କଥାକୁ ଠିକ ଭାବେ ସେମାନେ ବୁଝି ପାରନ୍ତି ନାହିଁ , ଅନ୍ୟ ମାନଂକ ଦ୍ୱାରା ସହଜରେ ପ୍ରଭାବିତ ହୋଇପଡନ୍ତି। ମୋର ମନେହୁଏ, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନଥିବା ଛାତ୍ରଶକ୍ତିର ଏହା ଏକ ବିଲକ୍ଷଣ।

କଲେଜର ଦୁଇଟି କର୍ମ , ପିଲାମାନଂକୁ କମିଟେଡ କରିରଖେ । ଏହା ପରୀକ୍ଷା ଏବଂ ନିର୍ବାଚନ । ପରୀକ୍ଷା ସମୟରେ ପିଲାମାନେ ବଶମ୍ବଦ ଓ ବିବ୍ରତ ମନେ ହୁଅନ୍ତି, ଖୁବ ଟେନ୍ସରେ ଥାଆନ୍ତି ।

କଲେଜର ନିର୍ବାଚନ ସମୟରେ ସେମାନେ ଖୁବ ସକ୍ରିୟ ହୋଇ ଉଠନ୍ତି । ଛାତ୍ର ଶକ୍ତି ବିଭାଜିତ ହୋଇଯାଏ ବିଭିନ୍ନ ଗୋଷ୍ଠୀରେ । କଲେଜ ପରିସର ଖୁବ ଉତ୍ତେଜନାପୂର୍ଣ୍ଣ ହୋଇଉଠେ । ଛାତ୍ରମାନେ ଲଢେଇ ବା ବିପ୍ଳବ ମାନସିକତାରେ ରୁହନ୍ତି । ଅଧ୍ୟାପକମାନେ ନୀରବ ଅଥବା ଅଭିସଂଧିଭରା ମନେ ହୁଅନ୍ତି ।

ଛାତ୍ର ମାନଂକର ଧର୍ମଘଟର ଅଲ୍ଟିମେଟମ ଥିବା ୧୨ ଦଫାର ଦାବୀପତ୍ର ପାଇଲି ମୁଁ। ସେ ସବୁ ଦାବୀରୁ ଅନେକ ଦାବୀ ପୂରଣ କରିବା ଅଧ୍ୟକ୍ଷଙ୍କ କ୍ଷମତା ବାହାରେ, ଅପୂରଣୀୟ । ମାତ୍ର ଏ ସଂକ୍ରାନ୍ତରେ ଛାତ୍ର ମାନଂକୁ, ବୁଝାଇ ହେଉନି । ତଥାପି ମୁଁ ସବୁ ସ୍ତରରେ ଆଲୋଚନା ଜାଣିଜାଣି ଜାରିରଖି ଥାଏ, ନଥିବା ସମାଧାନର ସୂତ୍ର ବାହାର କରିବା ଲାଗି । ମୁଁ ବାହାରକୁ ଖୁବ ନୀରବ ଓ ସହଜ ଥାଏ କିନ୍ତୁ ପରିସ୍ଥିତି ଏବଂ ଘଟଣାର ଗତିକୁ ଉପଭୋଗ କରୁଥାଏ । ତା ଉପରେ ସତର୍କ ନଜର ବି ରଖିଥାଏ ।

ପରଦିନ କଲେଜକୁ ଆସି ଦେଖିଲି, ଅଧ୍ୟକ୍ଷଙ୍କ କକ୍ଷରେ ଚାବି ପଡିଛି । ମୁଁ କିଛି ସମୟ ବାହାରେ ଠିଆ ହୋଇ ରହିଲି । ମୋ ପାଖରୁ କିଛି ଦୂରରେ ନୀରବରେ ଠିଆ ହୋଇଥାନ୍ତି ଛାତ୍ରଛାତ୍ରୀ ମାନେ । ସରଗରମ କମନ୍‌ରୁମ । ସେଠି ବସି ଥାଆନ୍ତି ଅଧ୍ୟାପକ ବଂଧୁ ମାନେ । କେହି ପାଖକୁ ଆସୁନଥାନ୍ତି କି କିଛି କହୁ ନଥାନ୍ତି । ମୁଁ ସେମାନଂକୁ ଡାକି ଶୁଣାଇ ଦେଲି, 'ମୋର ମନେ ହେଉଛି ଏ କଲେଜ ମତେ ଆଉ ଅଧ୍ୟକ୍ଷ ଭାବେ ଚାହୁଁନି । ମୁଁ ଚାଲି ଯାଉଛି , କଲେଜ ପରିଚାଳନା କମିଟିର ସଭାପତି ଏବଂ ଡିପିଆଇଙ୍କୁ ଭେଟି, ମୋର ବଦଳି କରାଇନେବି ବା ଛୁଟିରେ ରହିବି । ଆପଣମାନଂକୁ ସମସ୍ତଂକୁ ଧନ୍ୟବାଦ ଜଣାଉଛି, ମୋତେ ଏଠି ଏତେଦିନ ସାହାଯ୍ୟ ସହଯୋଗ କରିଥିବାରୁ । ଏହା ମୋର ସ୍ମରଣୀୟ ହୋଇ ରହିବ ।' ମୁଁ ହାତଯୋଡି ଯାତ୍ରା ଆରଂଭ କରି ପାଦ ଆଗକୁ ପକାଇଲି।

ହଠାତ୍ ପିଲାମାନେ ମତେ ଘେରିଗଲେ କହିଲେ, –' ନା ସାର ..ନା ସାର୍ ତା ହୋଇ ପାରିବନି । ଆମେ ଆପଣଂକୁ ଛାଡିବୁ ନି । ଆପଣହିଁ ରହିବେ । ଆମେ କବାଟ ଖୋଲୁଛୁ । ଆପଣ ଆସନ୍ତୁ ରୁମକୁ । ଆମର ଦାବି ଥିଲା କଲେଜର ନିଜର ଜମି ନାହିଁ ସରକାର ୧୦ଏକର ଜମି ଦିଅନ୍ତୁ । କଲେଜ ୟୁଜିସି ଫୋଲ୍ଡ ଭିତରକୁ ଆସିଯିବ । ଆମେ ବି ଜାଣୁ , ଏହା ଆପଣଂକ କ୍ଷମତା ବାହାରେ । ଏହା ଥିଲା ଆମ ଛାତ୍ରଗ୍ରୁପର ଆଗାମୀ ନିର୍ବାଚନ ପାଇଁ ଏକ ରଣ କୌଶଳ ମାତ୍ର । ଆପଣ ଦୟାକରି ଆସନ୍ତୁ । ମୋ ସାମ୍ନାର ରାସ୍ତା ବଂଦ ହୋଇଗଲା ।ଦ୍ୱାର ଖୋଲି ଯାଇଥିଲା ।

ପିଲାମାନେ ବି ଜାଣିଥିଲେ –ଅଧ୍ୟକ୍ଷ ଙ୍କର ଜମି ଦେବାର ଅଧିକାର ନାହିଁ। ର୍ନିବାଚନ ସମୟ । ଏମିତି ଦାବି । ଏମିତି ଧର୍ମଘଟ । ଏମିତି ସମାଧାନ।

ଆମୋଦ ହିଁ ଦୁଃଖର କାରଣ, ଆମୋଦଠାରୁ ନିଜକୁ ଯେ ଦୂରରେ ରଖିପାରିଛି; ସେହିଁ ଦୁଃଖ ଓ ଭୟକୁ ଜୟ କରିଛି।

ଏଇ ଭଳି ଅନେକ ଘଟଣା ଘଟିଛି ।

ମାତ୍ର, ମୋ ରହଣି ସମୟରେ – ସବୁଠୁଁ ମୋତେ ଦୁଃଖ ଦେଇଥିବା ଘଟଣାଟି ଥିଲା ଭିନ୍ନ । ଅତ୍ୟନ୍ତ ସ୍ପର୍ଶକାତର ଓ ଲଜ୍ୟା ଜନକ । ତା ଥିଲା – କଲେଜ ପରିସରରେ ସହିଦ୍ ରଘୁ ଦିବାକରଂକ ପ୍ରତିମୂର୍ତ୍ତି ସ୍ଥାପନ କରିବାର ପ୍ରସଂଗ ।

କଲେଜ ପରିସରଟି ଶୂନ୍ୟ ଶୂନ୍ୟ ଲାଗୁଥିଲା । ମୁଁ ଚିନ୍ତା କଲି ସାମ୍ନାରରେ ଯଦି ସହିଦ୍ ରଘୁ ଦିବାକରଂକ ପ୍ରତିମୂର୍ତ୍ତି ସ୍ଥାପନ କରା ଯାଇ ପାରେ ଖୁବ ଭଲ ହେବ। ରଣପୁରରେ ଜନ୍ମିତ ଏଉ ଯୁବ ସହିଦ ଦୁଇଜଣ ଆମର ଗର୍ବଗୌରବ ତଥା ଆମର ପରିଚୟ । ପିଲାମାନଂକ ପାଇଁ ଏହା ଏକ ପ୍ରେରଣାର ଉତ୍ସ ହୋଇରହିବ । ପରିବେଶ ବି ସୁଶୋଭିତ ହୋଇ ଯିବ । ଏଥି ଲାଗି ମୁଁ ପରିଚାଳନା କମିଟିର ସଭାପତି ଶ୍ରୀମତୀ ସୁରମା ପାଢୀ, ସ୍ଥାନୀୟ ବିଧାୟିକା ତଥା ସମବାୟ ବିଭାଗର ମନ୍ତ୍ରୀ ମହୋଦୟାଂକ ସହ ପରାମର୍ଶ କଲି । ସେ ଖୁବ୍ ଆଗ୍ରହରେ ଏଦିଗରେ ଆଗେଇ ଯିବାକୁ ପରାମର୍ଶ ଦେଲେ ଓ କିଛି ଅର୍ଥ ବି ଏଥି ଲାଗି ତାଂକ ହାତପାଂଠିରୁ ଦେବାକୁ ମଧ୍ୟ ସମ୍ମତି ପ୍ରଦାନ କଲେ। ମୁଁ ମହାଶୟାଂକୁ ଧନ୍ୟବାଦ ଜଣେଇ , ଖୁବ ଆନଂଦରେ ଫେରି ଆସିଲି କଲେଜକୁ । କଲେଜରେ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ମାନଂକୁ ଏ ସୁସଂବାଦଟି ପ୍ରଥମେ ଜଣାଇ ଦେବାଲାଗି ଉଚିତ ମନେକରି ମିଟିଂଟିଏ ଡକାଇ – ପ୍ରସ୍ତାବଟିକୁ ଜଣାଇ ଦେଲି ।

ମୁଁ ଆଶା କରୁଥିଲି ପ୍ରସ୍ତାବଟି ଜାଣିବା ପରେ ସମସ୍ତେ ଖୁବ ଖୁସି ହୋଇ ଯିବେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାରେ କିଛି ବରିଷ୍ଠ ସ୍ଥାନୀୟ ଅଧ୍ୟାପକ ଏହାକୁ ବିରୋଧ କରି ମୋତେ ଯେଉଁ ପ୍ରଶ୍ନ କଲେ ତା ଶୁଣି ମୁଁ ଖୁବ ଲଜ୍ଜିତ ହୋଇ ପଡିଲି । ସେଇ ବିଡମ୍ବିତ ପ୍ରଶ୍ନଟି ଥିଲା –

–'' କଲେଜ ଲାଗି ରଘୁ ଦିବାକରଂକ କଣ ଦାନ ଅଛି ଯେ , ତାଂକ ପ୍ରତିମୂର୍ତ୍ତି ଏଠି ସ୍ଥାପିତ ହେବ ?''

ଏ ପ୍ରଶ୍ନର ଉତ୍ତର ମୁଁ କିଛି ଦେଇ ପାରିଲି ନାହିଁ । ମୁଂଡ ପୋତି ସେଠୁ ପଳେଇ ଆସିଲି । ସେଇ ମୁହୂର୍ତ୍ତରୁହିଁ ସ୍ଥିର କରିନେଲି ପ୍ରତିମୂର୍ତ୍ତି ନିଶ୍ଚୟ ସ୍ଥାପିତ ହେବ। ହେଲାବି ।

କେବେ ଯଦି ଆପଣ ଆସନ୍ତି ରଣପୁର କଲେଜକୁ ଦେଖିବେ ସେଇ ସୁଂଦର, ଆବକ୍ଷ ପ୍ରତିମୂର୍ତ୍ତିଟି ।

ରଣପୁର କଲେଜରେ ଅଧ୍ୟକ୍ଷ ଥିଲାବେଳେ ସେଠି ସାମ୍ନା କରିଛି ଅନେକ ସମସ୍ୟା। ସେ ସବୁକୁ ଆଧାର କରି ଗୋଟିଏ ଉପନ୍ୟାସ ଅଛି ମୋର । ସେଇ ସମୟରେ ପ୍ରକାଶିତ ହୋଇ ଆଦୃତ ଲାଭ କରିଥିଲା । ସେଇଟି – ' ଆକ୍ରାନ୍ତ ୩/୪ '।

ପ୍ରଶ୍ନ ୪.ବିଶେଷ କରି ଆପଣଙ୍କ ଗଳ୍ପ ଓ ଉପନ୍ୟାସ ପ୍ରେମ ଉପରେ ଅଧାରିତ । ପ୍ରେମର ସଜ୍ଞା ଯୁବକ ମାନଙ୍କ ପାଇଁ କଣ ହେବା ଉଚିତ ?

ପଦ୍ମଜ ପାଳ – ପ୍ରେମକୁ ଛାଡ଼ି ଜୀବନ, ସାହିତ୍ୟ କଳ୍ପନା କରାଯାଇ ପାରିବନାହିଁ । ଜୀବନର ପ୍ରେମ ଏକ ଡ୍ରାଇଭିଂ ଫୋର୍ସ ,ଜୀବନମନସ୍କତା । ସଂଜ୍ଞା ନିର୍ଦ୍ଧାରଣ କରି ସେଇ ଅନୁଯାୟୀ କେହି ପ୍ରେମ କରେନି କି କରି ପାରିବ ନାହିଁ । ଯୌବନରେ, ପ୍ରେମ ଏକ ଜରୁରୀ ଆବଶ୍ୟକତା। ଏହା ଜୀବନକୁ ପରିପୃଷ୍ଟ କରେ । ତ୍ୟାଗ, ନିଷ୍ଠା , ବୁଝାମଣା, ସଂପର୍କର ଗଭୀରତା ତଥା ତାର ସୀମା ସରହଦ ଦେଖାଇ ଦେବା ସଂଗେ ସଂଗେ ଦାୟିତ୍ୱବାନ କରାଏ । ସ୍ୱପ୍ନ ଦେଖାଏ। ଏକ ସୁଂଦର ଜୀବନ ବଂଚିବାକୁ ସବୁ – ବିରୋଧାଭାସ ସତ୍ତ୍ୱେ, ପ୍ରତିରୋଧ ସତ୍ତ୍ୱେ ସାହାସ ଦିଏ , ପ୍ରେରଣା ଯୋଗାଏ ।

ପ୍ରଶ୍ନ ୫ –ଅନେକ ସମୟରେ ଦେଖାଯାଏ ସାହିତ୍ୟିକମାନେ ସମ୍ମାନ ପାଇବା ପାଇଁ ବ୍ୟଗ୍ର। ମାତ୍ର ଓଡ଼ିଆ ସାହିତ୍ୟ ଏକାଡ଼େମୀ ସମ୍ମାନକୁ ଆପଣ କାହିଁକି ପ୍ରତ୍ୟାଖ୍ୟାନ କଲେ ? ଏହା କଣ ଠିକ୍ ଥିଲା କି ?

ପଦ୍ମଜ ପାଳ – ସତ୍ୟ ସବୁବେଳେ ଉଜ୍ଜ୍ୱଳ ଦିଶେନି ! ସେତେବେଳେ ତାକୁ ପ୍ରତ୍ୟାଖାନ କରିବା – ଥିଲା ମୋର ଲେଖକୀୟ ସ୍ୱାଭିମାନ ।

ପ୍ରଶ୍ନ ୬– ବର୍ତ୍ତମାନର ଯୁବପିଢ଼ୀ ଲେଖିବା ଓ ପଢ଼ିବା ପାଇଁ ଅନାଗ୍ରହୀ। ଅନେକ ସମୟରେ ସେମାନେ ଇଣ୍ଟରନେଟରେ ଅଧିକ ସମୟ କଟାନ୍ତି। କଳ୍ପନା ଶକ୍ତିର ବିନିଯୋଗ କରି ସେମାନେ ନିଜର ସୃଜନାତ୍ମକ ଲେଖା ଲେଖିବା ପାଇଁ ସମୟ ପାଉ ନାହାଁନ୍ତି। ସେମାନଙ୍କ ପାଇଁ କଣ ସନ୍ଦେଶ ଦେବେ ?

ପଦ୍ମଜ ପାଳ – ଜୀବନ ପାଇଁ ସବୁ ପ୍ରକାର ବିଦ୍ୟାର ଆବଶ୍ୟକତା ,ଗୁରୁତ୍ୱ ତଥା ମହତ୍ତ୍ୱ ଅଛି। ସୃଜନଶୀଳ ହେବା ଏକ ଐଶ୍ୱରୀୟ ପ୍ରେରଣା । ଆତ୍ମ ପ୍ରଚେଷ୍ଟା ବି ହୋଇପାରେ !

ପ୍ରଶ୍ନ ୭.ପତ୍ର ପତ୍ରିକା ଓଡ଼ିଶାରେ ଅଭାବ ନାହିଁ। ମାତ୍ର ପାଠକଙ୍କ ଅଭାବ। ଏହାର କାରଣ କ'ଣ ?

ପଦ୍ମଜ ପାଳ – ପଢିବାର ଆଗ୍ରହ ପିଲା ଭିତରେ ସୃଷ୍ଟି କରିବାକୁ ହୁଏ । ବହୁ ପରିବାରରେ ବହି ପଢିବାର ପ୍ରେରଣା ପିଲା ଆଦୌ ପାଏନାହିଁ । ବହୁ ମୁରବୀ ମାନେ ମଧ୍ୟ ଜାଣନ୍ତି ନାହିଁ, ପଢିବାର ଆବଶ୍ୟକତା କଣ ! ଅନେକ ପରିବରକୁ ଯାଇ ଦେଖିବେ , ସେମାନଂକର ସବୁ କିଛି ଅଛି ମାତ୍ର ବହିଖଂଡେ ପଢ଼ିବା ପାଇଁ ନାହିଁ । ଅଛି ଯଦି ସେସବୁ ପିଲାଂକର ପଢା କୋର୍ସ ବହି ।

ପ୍ରଶ୍ନ .୮.ଅସୁସ୍ଥ ଥିଲେ ବି କମ୍ପ୍ୟୁଟର ସାହାଯ୍ୟରେ ଗଳ୍ପ ଓ ଉପନ୍ୟାସ ଲେଖୁଛନ୍ତି। ହାଏ ମୁନୀ... ପରେ କିଭଳି ଉପନ୍ୟାସ ରହିଁଛନ୍ତି ?

ପଦ୍ମଜ ପାଳ – ଭଲ ଉପନ୍ୟାସ ଟିଏ ଲେଖିବା ସବୁ ଲେଖକଂକ ସ୍ୱପ୍ନ ଓ ପ୍ରଚେଷ୍ଟା । ମୋ ଉପନ୍ୟାସ ଗୁଡିକ ପାଠକୀୟ ଆଦୃତି ପାଇଛି । 'ହାଏ ମୁନି , କେମିତି ଅଛ !' ପଢନ୍ତୁତ, ଏକ ଭିନ୍ନ ସ୍ୱାଦ ଦେବ ।

ପ୍ରଶ୍ନ ୯. ଓଡ଼ିଆ ସାହିତ୍ୟ ଜାତୀୟ ଓ ଆନ୍ତର୍ଜାତୀକ କ୍ଷେତ୍ରରେ କେବେ ତାର ପ୍ରାଧାନ୍ୟ ଜାହିର କରିବ ?

ପଦ୍ମଜ ପାଳ – ଆମ ସାହିତ୍ୟ ଜାତୀୟ ସ୍ତରରେ ବେଶ ସ୍ୱୀକୃତ ତଥା ସମ୍ମାନିତ । ମାତ୍ର ଏହା ପର୍ଯ୍ୟାପ୍ତ ନୁହେଁ । ଆର୍ନ୍ତଜାତୀୟ କ୍ଷେତ୍ରରେ ଆମର ସୂର୍ଯ୍ୟୋଦୟ ସମୟ ଆସି ଯାଉଛି । ପାହି ଛୁଇଁ ସାରିଲେଣି –ମନୋଜ ଦାସ, ରାମଚଂଦ୍ର ବେହେରା ..

ପ୍ରଶ୍ନ୧୦. ଯୁବ ବର୍ଗଙ୍କୁ ଲେଖିବା ପାଇଁ ଆପଣଙ୍କ ସନ୍ଦେଶ କ'ଣ ?

ପଦ୍ମଜପାଳ – ଆମ ଯୁବ ଲେଖକମାନେ ଜାଣନ୍ତି ସେମାନଂକୁ କଣ କରିବାକୁ ହେବ । ସେ ଅଭିପ୍ସା ସେମାନଂକର ଅଛି । କିଛି ସଂଦେଶ ସେମାନଂକ ପାଇଁ ନାହିଁ, ପ୍ରତୀକ୍ଷା ଅଛି ସେମାନଂକ କୃତିକୁ ଦେଖିବା ପାଇଁ !